# ତହସିଲ କାର୍ଯ୍ୟାଳୟ ରେଙ୍ଗାଲି, ଜିଲ୍ଲା-ସମ୍ବଲପୁର

ଲିଜ ବିବିଧ ମୋକଦ୍ଦମା ନଂ. ୧୫/୨୦୨୫

## ସର୍ବସାଧାରଣ ନୋଟିସ

ନୋଟିସ ନଂ. 5170 ତାରିଖ: 28.04.2025

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ଖୁଣ୍ଡା ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଅତିରିକ୍ତ ମୁଖ୍ୟ ପରିଚାଳକ / ଭୂ-ଅର୍ଜନ ଅଧିକାରୀ, ଏନ. ଟି. ଟି. ପି. ପି., ଏନ.ଏଲ.ସି. ଇଣ୍ଡିଆ ଲିମିଟେଡ (ACM/LAO, NTTPP, NLCIL), ଉକ୍ତ ଜମି ଉପରେ ପୋଲ ନିର୍ମାଣ ପାଇଁ ଅନୁମତିମୂଳକ ଅଧିକାର (Permissive Possession) ମଞ୍ଜୁର ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି ଓ ତତ ଅନୁସାରେ ପଦକ୍ଷେପ ନିଆଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ରସ୍ତାବିତ ରକବା | କିସମ |
|---|---|---|---|---|
| ଖୁଣ୍ଡା | ୨୪୮ (ଆବାଦ ଅଯୋଗ୍ୟ ଅନାବାଦୀ ) | ୨୨ ରୁ | ୩.୧୦୦ | ନଦୀ |
| | | ୨୩ ରୁ | ୦.୧୧୦ | ନଦୀ |
| ମୋଟ | ୧ ଖାତା | ୨ ପ୍ଲଟ | ୩.୨୧୦ | |

ବି. ଦ୍ର. : ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ, ଓଡ଼ିଶା ସରକାର ନିଜ ପତ୍ର ସଂଖ୍ୟା RDM-LRGE-CLRFIC-୦୦୦୬-୨୦୨୪-୫୧୩୦/ R&DM dt. ୧୧.୦୨.୨୦୨୫, ଉପରୋକ୍ତ ଜମିକୁ ଏମ./ଏସ. ଏନ. ଏଲ. ସି., ଇଣ୍ଡିଆ ଲିମିଟେଡକୁ ଅନୁମତିମୂଳକ ଅଧିକାର (Permissive Possession) ଦେବା ପାଇଁ ଜିଲ୍ଲାପାଳ ସମ୍ବଲପୁରଙ୍କୁ ଅନୁମତି ପ୍ରଦାନ କରିଛନ୍ତି ।

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର

ଜ୍ଞାପକ ସଂଖ୍ୟା 5172 ତା: 28.04.2025

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ ଲପଙ୍ଗାଙ୍କ କାର୍ଯ୍ୟାଳୟ / ଗ୍ରାମ ପଞ୍ଚାୟତ, ଖୁଣ୍ଡା ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର

Scanned with OKEN Scanner